ଧରିତ୍ରୀ DHARITRI

ବ୍ରହ୍ମପୁର, ରବିବାର, ୭ ମାର୍ଚ୍ଚ, ୨୦୨୧

## ପୁଅକୁ ଖଣ୍ଡାରେ ଆକ୍ରମଣ କରି ବାପା ଗିରଫ

ବୁଗୁଡ଼ା,(ଡି.ଏନ.ଏ.): ବୁଗୁଡ଼ା ଥାନା ଭାମଶିଆଳି ଗ୍ରାମରେ ପୁଅକୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଶନିବାର ବାପାଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଧୋବା ବିଶ୍ୱାଳ। ଘରୋଇ କଳହକୁ କେନ୍ଦ୍ର କରି ଶୁକ୍ରବାର ବାପପୁଅ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ନିଶାସକ୍ତ ଅବସ୍ଥାରେ ଥିବା ଧୋବା ଏକ ଖଣ୍ଡାରେ ପୁଅ ବିଦ୍ୟାଧରଙ୍କୁ ଆକ୍ରମଣ କରିଥିଲେ। ଆହତ ବିଶ୍ୱାଳଙ୍କୁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ନେଇ ମା' ଭାନୁମତୀଙ୍କ ଏତଲା କ୍ରମେ ବୁଗୁଡ଼ା ପୋଲିସ ନଂ. ୯୧/୨୧ରେ ମାମଲା ରୁଜୁ କରିଛି।

## ସଂକ୍ଷେପରେ

### ୧୮ରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବ୍ରହ୍ମପୁର ଅଫିସ୍,୬।୩: ରାଜ୍ୟସ୍ତରୀୟ ଚତୁର୍ଥ ନାଟକ ମହୋତ୍ସବ ୧୮ରୁ ଆରମ୍ଭ ହେବା ନେଇ ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ଗଞ୍ଜାମ କଳା ପରିଷଦଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବଳରାମଙ୍କ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ରମେଶ ମହାରଣା ମହୋତ୍ସବର ରୂପରେଖ ସମ୍ବନ୍ଧରେ ଆଲୋଚନା କରିଥିଲେ। କୋଭିଡ୍ କଟକଣା କାରଣରୁ ଆସନ୍ତା ୧୮ ତାରିଖରୁ ୨୨ ତାରିଖ ଯାଏ ପାଞ୍ଚ ଦିନ ବ୍ୟାପୀ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଚିତ୍ରା ନନ୍ଦ ବେବର୍ତ୍ତା, ଉପସଭାନେତ୍ରୀ କିରଣବାଳା ମିଶ୍ରଙ୍କ ସମେତ ବିଜୟ ଚନ୍ଦ୍ର ମହାରଣା, ସନ୍ତୋଷ ପାଣିଗ୍ରାହୀ, ସନ୍ନ୍ୟାସୀ ମହାରଣା ଓ ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ପିପିଙ୍କ ଯୋଗଦାନ

ବ୍ରହ୍ମପୁର ଅଫିସ,୬।୩: ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ପିପି ଭାବେ ଅଜିତ ପଟ୍ଟନାୟକ ଯୋଗ ଦେଇଛନ୍ତି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ କାର୍ଯ୍ୟରତ ପିପି ପଟ୍ଟନାୟକଙ୍କୁ ବ୍ରହ୍ମପୁରକୁ ଡେପୁଟେଶନରେ ପଠାଯାଇଛି। ପ୍ରକାଶଯେ, ପାରଳାଖେମୁଣ୍ଡିରେ କ୍ୟାମ୍ପକୋର୍ଟ ଚାଲିବା ସମୟରେ ସ୍ୱତନ୍ତ୍ର ପିପି ତପନ କୁମାର ଦାଶ ଦାଶ ରେଭିନ୍ୟୁ ଆଇବିରେ ରହୁଥିଲେ । ସେଠାରେ ହଠାତ ତାଙ୍କ ଗୋଡ଼ ଖସି ଯିବାରୁ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏଥିପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### ଘର କବ୍‌ଜା ମାମଲା ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୬।୩: ବୋମା ଦେଖାଇ ଭୟଭୀତ କରି ଘର କବ୍‌ଜା କରିବା ମାମଲାର ଛତ୍ରପୁର ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ଶୁକ୍ରବାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଅଭିଯୁକ୍ତ ରାକେଶ କୁମାର ସେଠୀଙ୍କୁ ବିଚାରପତି ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଚମାଖଣ୍ଡି ଥାନା ପୁଟବଗଡ ଗ୍ରାମରେ ଉମାଶଙ୍କର ସେଠୀ ତାଙ୍କ ପରିବାର ସହ ରୁହନ୍ତି। ୨୦୦୮ ଏପ୍ରିଲ ୨୧ରେ ଜାମ ସେଠୀ ପୁଟବଗଡକୁ ସମ୍ପର୍କୀୟ ଉମାଶଙ୍କରଙ୍କ ଘରକୁ ଆସିଥିଲେ। ସେ ତାଙ୍କର ୪ ସହଯୋଗୀଙ୍କ ସହ ସେଠାରେ ରହିବାରୁ ଉମାଶଙ୍କର ପ୍ରତିବାଦ କରିଥିଲେ। ତେଣୁ ଜାମ ବୋମା ଦେଖାଇ ଭୟଭୀତ କରିଥିବା ଉମାଶଙ୍କର ଅଭିଯୋଗ କରିଥିଲେ। ପୋଲିସ ନଂ. ୨୪/୦୮ ରେ ମାମଲା ରୁଜୁ କରି ଜାମଙ୍କୁ କୋର୍ଟ ଚାଲାଣ କରିଥିଲା। କିଛିଦିନ ପରେ ସେ ଜାମିନରେ ମୁକୁଳିଥିଲେ। ୫ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ସାୟାଦ ଇକବାଲ ମକଦ୍ଦମା ପରିଚାଳନା କରିଥିଲେ।

### ମାତୃପିତୃହୀନ ଶିଶୁ ସମ୍ପର୍କିତ ଥଇଥାନ କାର୍ଯ୍ୟକ୍ରମ

ଗୋଷାଣୀ,୬।୩: ଗଜପତି ଜିଲା ଗୋଷାଣୀ ବ୍ଲକ ବୈଠକ ଗୃହରେ ବୁଧବାର ୫-ଟି ଅଧୀନରେ ଆସୁଥିବା ମାତୃପିତୃହୀନ ପିଲାଙ୍କୁ ଥଇଥାନ କାର୍ଯ୍ୟକ୍ରମକୁ ଜିଲା ପ୍ରଶାସନ ଅଗ୍ରାଧିକାରୀ ଭିତ୍ତିରେ ହାତକୁ ନେଇଛନ୍ତି। ପିଲାମାନଙ୍କର କିପରି କାର୍ଯ୍ୟ ଆରମ୍ଭ କରାଯିବ ସେ ଉପରେ ବୈଠକ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ପଞ୍ଚାୟତରେ ସର୍ଭେ ହୋଇଥିଲା। ଯେଉଁଥିରେ ଜିଲାର ସମସ୍ତ ପଞ୍ଚାୟତ ସମିତିରୁ ୫୨୫ ଜଣ ଚିହ୍ନଟ ହୋଇଥିଲେ। ଏହାକୁ ଉଦ୍‌ଘାଟନ କରିଥିଲେ ଗୋଷାଣୀ ବିଡିଓ କିଶୋର ଦାସ। ଶିଶୁ ମଙ୍ଗଳ ଅଧକ୍ଷା ପ୍ରମୋଦ କୁମାର ରାଉଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗୌରୀ ନାୟକ, ଶିଶୁ କଲ୍ୟାଣ ସମିତିସଭ୍ୟା ଅଲକା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବାଲ୍ୟବିବାହ ଦଣ୍ଡନୀୟ ଅପରାଧ ବୋଲି ସଚେତନ କରିଥିଲେ। ୫୨୫ ଅନାଥ ଶିଶୁଙ୍କ ମଧ୍ୟରୁ ୨୨ ଶିଶୁ କଲ୍ୟାଣ ସମିତି ନିକଟରେ ଉପସ୍ଥିତ ହୋଇଥିଲେ।

### ଘର ସହ ପାଳଗଦା ଜଳିଗଲା

ବୁଗୁଡ଼ା,୬।୩ (ଡି.ଏନ.ଏ.): ବୁଗୁଡ଼ା ଥାନା ଭଗବାନପୁର ଗ୍ରାମରେ ବିଦ୍ୟୁତ୍ ସର୍ଟସର୍କିଟରୁ ଶନିବାର ପ୍ରଫୁଲ୍ଲ ଗୌଡ଼ଙ୍କ ଏକ ବଖରା ଜଳିଯାଇଛି। ଅପରପକ୍ଷରେ ପାଣିକେଶର ଗ୍ରାମରେ ତ୍ରିନାଥ ସ୍ୱାଇଁ ବିଲରେ ରଖିଥିବା ୪ ଭରଣର ପାଳଗଦା ମଧ୍ୟ କୌଣସି କାରଣରୁ ପୋଡ଼ିଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଯାଇ ନିଆଁକୁ ଆୟତ୍ତ କରିଛନ୍ତି।

# ଜଙ୍ଗଲ ନିଆଁକୁ ଆୟତ୍ତ କରିପାରୁନି ବନ ବିଭାଗ

- ୬ ଦିନରେ ୨୦୦ ସ୍ଥାନରେ ନିଆଁ
- ଘରପୋଡ଼ି ବଢୁଛି, ଲୋକେ ହଇରାଣ

ଭଞ୍ଜନଗର,୬।୩(ଡି.ଏନ୍.ଏ.)


ଜଗନ୍ନାଥପ୍ରସାଦ ରେଞ୍ଜ ହଜପଲ୍ଲୀ ଭିଏସ୍‌ଏସ୍‌ରେ ଲୋକଙ୍କୁ ସଚେତନ କରାଯାଉଛି।

ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଦୈନନ୍ଦିନ ନୂଆ ନୂଆ ସ୍ଥାନରେ ନିଆଁ ଲାଗୁଛି। ଏହାକୁ ବନ ବିଭାଗ କର୍ମଚାରୀ ଆୟତ୍ତ କରିପାରୁ ନାହାନ୍ତି। ଫଳରେ ଜଙ୍ଗଲ ପୋଡ଼ି ବଢୁଛି । ବିଗତ ୬ଦିନ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଲାଣି। ଏଥିରୁ ବାହାରୁଥିବା ଧୂଆଁରେ ସାଧାରଣ ଜନତା ଅଣନିଃଶ୍ୱାସୀ ହୋଇ ପଡ଼ିଲେଣି। ବନ ବିଭାଗ ଓ ଭିଏସ୍‌ଏସ୍ କର୍ମକର୍ତ୍ତାଙ୍କ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଜଙ୍ଗଲ ନିଆଁକୁ ଠିକ୍ ଭାବେ ଆୟତ୍ତ କରାଯାଇ ପାରୁ ନ ଥିବା ଜଣାପଡ଼ିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି। ଅପରପକ୍ଷେ ଜଙ୍ଗଲ ପୋଡ଼ି ସାଙ୍ଗକୁ ଘରପୋଡ଼ି ମଧ୍ୟ ଭଞ୍ଜନଗର ବ୍ଲକରେ ବଢୁଛି।

ଶୁକ୍ରବାର ଭଞ୍ଜନଗର ବ୍ଲକ ଆଖୁପଦର ଓ ଡାଙ୍ଗୁଆପଲ୍ଲୀରେ ନିଆଁ ଲାଗି ଏକାଧିକ ବଖରା ଜଳିଯାଇଛି। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଏସିଏଫ୍ ସୁଦର୍ଶନ ବାଦୀଙ୍କ ନେତୃତ୍ୱରେ ଜଙ୍ଗଲ ନିଆଁକୁ କିଭଳି ଲିଭା ଯାଇପାରିବ ସେନେଇ ଯୋଜନା ଚାଲିଛି। ବିଗତ ୨ଦିନ ହେବ ଏସିଏଫ୍ ବାଦୀ ଓ ଦୁର୍ଗାପ୍ରସାଦ, ରମ୍ଭା ସମେତ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଗ୍ରାମବାସୀଙ୍କ ସହଯୋଗରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଆଁକୁ କିଭଳି ନିୟନ୍ତ୍ରଣ କରାଯିବ, ସେନେଇ ପଦକ୍ଷେପ ନେଇଛନ୍ତି। ପୁରୁଣା ନିଆଁ ଲିଭାଇବା ବେଳକୁ ନୂଆ ସ୍ଥାନରେ ନିଆଁ ଲାଗିଯାଉଛି। ତାରସିଂ ରେଞ୍ଜର କୋକଳବା ଓ ଚନ୍ଦ୍ରଗିରି ଜଙ୍ଗଲରେ ଶୁକ୍ରବାର ରାତିରେ ନିଆଁ ଲାଗିଥିଲା। ରେଞ୍ଜର ଆଶାଲତା ଦିଗାଲଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଳମ୍ବିତ ରାତିରେ ଏହାକୁ ନିୟନ୍ତ୍ରଣ କରିଥିଲେ। ସେହିଭଳି ଜଗନ୍ନାଥପ୍ରସାଦ ରେଞ୍ଜର ଉମାକାନ୍ତ ଦାସ ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରାଉଛନ୍ତି। ଏଥିସହ ପ୍ରଚାରପତ୍ର ବଣ୍ଟନ କରୁଛନ୍ତି। ତେଣୁ ଜଗନ୍ନାଥପ୍ରସାଦ ରେଞ୍ଜରେ ନିଆଁ ବିଶେଷ ଲାଗିନାହିଁ। କେନ୍ଦ୍ରୀୟ ବନାଞ୍ଚଳ ଓ ମୁଜାଗଡ଼ ରେଞ୍ଜରେ ଲାଗିଥିବା ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ବିଭାଗୀୟ କର୍ମଚାରୀ ଚେଷ୍ଟା ଚଳାଇଛନ୍ତି। ଏନେଇ ଡିଏଫ୍‌ଓ ଅଭୟକାନ୍ତ ଦଳେଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନିଆଁକୁ ନିୟନ୍ତ୍ରଣ କରିବା ପାଇଁ କର୍ମଚାରୀମାନେ ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି। ଭିଏସ୍‌ଏସ୍ କର୍ମକର୍ତ୍ତା ନିଆଁ ଲିଭାଇବାରେ ପୂର୍ଣ୍ଣ ସହଯୋଗ କରୁଛନ୍ତି ।

# ଆନ୍ତର୍ଜାତିକ କ୍ରୀଡ଼ାରୁ ବଞ୍ଚିତ ଲକ୍ଷ୍ମୀନାରାୟଣ

## କ୍ରୀଡ଼ାବିତଙ୍କୁ ମିଳୁନି ସହାୟତା

ବ୍ରହ୍ମପୁର ଅଫିସ, ୬।୩


ମାନପତ୍ର ସହ କ୍ରୀଡ଼ାବିତ ଲକ୍ଷ୍ମୀନାରାୟଣ।

ଗଞ୍ଜାମ ଜିଲା ଚିକିଟି ବ୍ଲକ ସରୋଳ ଗ୍ରାମର ସଫଳ କ୍ରୀଡ଼ାବିତ କେ. ଲକ୍ଷ୍ମୀନାରାୟଣ ରେଡ୍ଡୀ। କବାଡ଼ି ଖେଳି ସେ ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ସରୋଳ ଗ୍ରାମର କେ. ଲିଙ୍ଗାୟାଙ୍କ ବଡ଼ ପୁଅ ହେଉଛନ୍ତି ଲକ୍ଷ୍ମୀନାରାୟଣ। ୨୦ ବର୍ଷୀୟ ଏହି ଖେଳାଳିଜଣଙ୍କ ଏବେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ ଏଥିପାଇଁ ପ୍ରତିବନ୍ଧକ ସାଜିଛି ଅର୍ଥ। ଅତୀତରେ ସେ ଭଲ ଫୁଟବଲ ଖେଳୁଥିଲେ। ଅର୍ଥାଭାବରୁ ଏହି ସ୍ୱପ୍ନକୁ ଅଧାରୁ ଛାଡ଼ିବାକୁ ପଡ଼ିଥିଲା। ଲକ୍ଷ୍ମୀନାରାୟଣ ପ୍ରଥମ ଥର ୨୦୧୮ରେ ଅନୁଷ୍ଠିତ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବ୍ରହ୍ମପୁର ଆଇଟିଆଇ ତରଫରୁ ପ୍ରତିନିଧିତ୍ୱ କରି ବିଜୟୀ ହୋଇଥିଲେ। କୋଚ୍ ସୁନୀଲ ବିଷୋୟଙ୍କ ଠାରୁ କବାଡ଼ି ଖେଳର ଅଧିକ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିଲେ। ୨୦୧୯ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଗଞ୍ଜାମ ଜିଲା କବାଡ଼ି ଗ୍ରୁପ୍‌ରେ ଯୋଗ ଦେଇଥିଲେ। ୨୦୨୧ ଜାନୁୟାରୀରେ ଯାଜପୁରଠାରେ ଅନୁଷ୍ଠିତ ହୋଇଥିବା ଚୟନ ଶିବିରରେ ଉତ୍ତମ ପ୍ରଦର୍ଶନ କରିବାରୁ ରାଜ୍ୟସ୍ତରୀୟ କବାଡ଼ି ଟିମ୍ ନିମନ୍ତେ ଯୋଗ୍ୟ ବିବେଚିତ ହୋଇ ଓଡ଼ିଶା ଦଳର ନେତୃତ୍ୱ ନେଇଥିଲେ। ଫେବୃୟାରୀ ୨୧ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ନ୍ୟାଶନାଲ କବାଡ଼ି ଫେଡେରେଶନ ଅଫ ଇଣ୍ଡିଆ ତରଫରୁ ଉତ୍ତର ପ୍ରଦେଶର ମଥୁରାଠାରେ ଆୟୋଜିତ କ୍ରୀଡ଼ା ମହୋତ୍ସବରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରିଥିଲେ। ଏହି ମ୍ୟାଚରେ ଲଗାତାର ଭାବେ ତାମିଲନାଡୁ, ଉତ୍ତରପ୍ରଦେଶ ସମେତ ତିନୋଟି ରାଜ୍ୟକୁ ପରାଜିତ କରି ଓଡ଼ିଶାକୁ ଚମ୍ପିୟନ କରାଇଥିଲେ। ଏହାପରେ ଇଣ୍ଡୋ ନେପାଳ କବାଡ଼ି ଲିଗ୍ ଖେଳିବା ନେଇ ପଥ ପରିଷ୍କାର ହୋଇଛି। କିନ୍ତୁ ଅର୍ଥାଭାବ କାରଣରୁ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

# ଉନ୍ନୟନ କାର୍ଯ୍ୟର ଶୁଭାରମ୍ଭ କଲେ ଏମ୍‌ପି


ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାନ କରୁଛନ୍ତି।

ପାରଳାଖେମୁଣ୍ଡି,୬।୩(ଡି.ଏନ୍.ଏ.)

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଶନିବାର ପାରଳାଖେମୁଣ୍ଡି ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏମ୍‌ପି ପାରଳାଖେମୁଣ୍ଡି ସର୍କିଟ ହାଉସଠାରେ ସକାଳେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ଏମ୍‌ପି ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ନବନିର୍ମିତ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରିଥିଲେ। ସେହିପରି ବଜାର ଛକ ନିକଟରେ ଥିବା ଗୋପାଳକୃଷ୍ଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଭକ୍ତକବିଙ୍କ ନାମରେ ନାମିତ ଇ-ଲାଇବ୍ରେରୀର ନୂତନ କୋଠାଗୃହ, ୧୧ନମ୍ବର ୱାର୍ଡ ଅନ୍ତର୍ଗତ ଶଙ୍କୁରୀ ପଖୋରୀ ନିକଟରେ ନବନିର୍ମିତ ଶୌଚାଳୟ, ଲକ୍ଷ୍ମୀନଗର ୧ ନଂ ଲାଇନ୍‌ରେ ଗ୍ରୀନଫିଲ୍ଡ ଏଲ୍‌ଇଡି ଲାଇଟ ସାହି ଆଲୋକିକରଣ, ବେତାଗୁଡାଠାରେ ନବନିର୍ମିତ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଗୁମ୍ମା ବ୍ଲକରେ ନିର୍ମିତ ସୂଚନା ଓ ସାଂସ୍କୃତିକ କେନ୍ଦ୍ର ଆଦିର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରଳା ବିଧାୟକ କେ.ନାରାୟଣ ରାଓ, ଗଜପତି ଜିଲାପାଳ ଅନୁପମ ସାହା, ପିଡି ମହେଶ କୁମାର ଚୌଧୁରୀ, ଉପ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପାରଳା ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଜିଲା କ୍ରୀଡ଼ା ଓ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ତ୍ରିପାଠୀ, ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## କୋଦଳା-ଛୁଞ୍ଚିପଡ଼ା ରାସ୍ତା ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ବେଗୁନିଆପଡ଼ା, ୬।୩ (ଡି.ଏନ.ଏ.)

କୋଦଳା ଛୁଞ୍ଚିପଡା ୧୦.୧୨୫ କି.ମି. ରାସ୍ତାର ଉନ୍ନତୀକରଣ ଲାଗି ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ୭ କୋଟି ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତା ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଶୋଇ ଓ ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଥିଲେ। ବିଭାଗୀୟ ଯନ୍ତ୍ରୀ ଲୋକେଶ୍ୱର ପାତ୍ର, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ବିଶୋଇଙ୍କ ତତ୍ତ୍ୱାବଧାନରେ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହା ଦ୍ୱାରା ୨୨ଖଣ୍ଡ ଆଦିବାସୀ ଗ୍ରାମର ଜନସାଧାରଣ ଉପକୃତ ହେବା ସହିତ ମା' ସିଂହାସନିଙ୍କ ଦର୍ଶନ ନିମନ୍ତେ ଯାତ୍ରୀମାନଙ୍କ ରାସ୍ତା ସୁଗମ ହୋଇପାରିବ ବୋଲି ବିଧାୟିକା ପ୍ରକାଶ କରିଥିଲେ। ରାସ୍ତା ପ୍ରଶସ୍ତିକରଣ ହେବା ଫଳରେ ଆଦିବାସୀ ଅଞ୍ଚଳ ଅଧିବାସୀ ଉପକୃତ ହୋଇପାରିବେ ବୋଲି ଏମ୍‌ପି ବିଶୋଇ କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ନଗର ବିଜେଡି ସଭାପତି ସଞ୍ଜୀବ କୁମାର ସାହୁଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ



ବୈଠକରେ ସଂଘ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ୍,୬।୩

ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଘଟକେଶ୍ୱର ମନ୍ଦିର ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ସଂଘ କର୍ମକର୍ତ୍ତା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କରୋନା ଟିକାକୁ ସମସ୍ତ ବରିଷ୍ଠ ନାଗରିକ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଘଟକେଶ୍ୱର ମନ୍ଦିରର ଉନ୍ନତିକରଣ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏଥିସହ ଆସନ୍ତା ୧୬ ଓ ୧୭ ତାରିଖରେ ଖୋର୍ଦ୍ଧା ରୋଡ଼ ରେଳ ପ୍ରବନ୍ଧକଙ୍କ ବ୍ରହ୍ମପୁର ଗସ୍ତ ସମୟରେ ଭୁବନେଶ୍ୱର ମେମୋ ଟ୍ରେନ୍‌ରୁ ଦ୍ରୁତଗାମୀ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ, ପୂର୍ବଭଳି ସାଧାରଣ ଭଡ଼ା ପ୍ରଚଳନ ଓ ଅନ୍ୟ ମେମୋ ଟ୍ରେନ୍ ଚଳାଚଳ କରିବା କ୍ଷେତ୍ରରେ ଆଲୋଚନା କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି, ସମ୍ପାଦକ ରଜନୀକାନ୍ତ ମଣ୍ଡଳ, କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀଙ୍କ ସମେତ ହାଡ଼ିବନ୍ଧୁ ମାଳି, ଡା.ପ୍ରାଣଚାନ୍ଦ ପଣ୍ଡା ଓ ସୁବାସ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ଯୋଜନା କମିଟି ବୈଠକ



ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

ପାରଳାଖେମୁଣ୍ଡି, ୬।୩ (ଡି.ଏନ.ଏ.)

ଗଜପତି ଜିଲା ଯୋଜନା କମିଟି ବୈଠକ ବୁଧବାର ପାରଳାଖେମୁଣ୍ଡିସ୍ଥିତ ଜିଲା ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ଜିଲାପାଳ ଅନୁପମ ସାହା, ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ ଜିଲା ପରିଷଦ ଅଧ୍ୟକ୍ଷା ଅନିତାରାଣୀ ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଚୌଧୁରୀ ଯୋଗଦେଇଥିଲେ। ପ୍ରଥମେ ୨୦୧୯ ଡିସେମ୍ବର ବୈଠକରେ ହୋଇଥିବା ନିଷ୍ପତ୍ତିର ଦୃଢ଼ୀକରଣ କରାଯିବା ସହ ୧୧୫୫୪୬.୭୪ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ କରାଯାଇଛି।

ସେହିପରି ପଛୁଆ ଅଞ୍ଚଳ ବିକାଶ ପାଣ୍ଠିର ସୁଧ ଟଙ୍କାରୁ ୪୭ ଲକ୍ଷ ଟଙ୍କାରେ ସୀମାନ୍ତ ଗୁଡିଖୁଡ଼ୀ ଗ୍ରାମର ଜଳଯୋଗାଣ ପ୍ରକଳ୍ପ ନିର୍ମାଣରେ ବ୍ୟୟ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିସହ କୃଷିକ୍ଷେତ୍ର, ଗ୍ରାମାଞ୍ଚଳରେ ଉନ୍ନତି, ସ୍ୱତନ୍ତ୍ର ଅଞ୍ଚଳ କାର୍ଯ୍ୟକ୍ରମ, ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ, ଶକ୍ତି, ଶିଳ୍ପ ଓ ଖଣିଜ ସମ୍ପଦ, ସାଧାରଣ ଓ ଅର୍ଥନୈତିକ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ, ସାମାଜିକ ସୁରକ୍ଷା, ମହିଳା ଓ ଶିଶୁ ବିକାଶ ଆଦି ପାଇଁ ବ୍ୟୟବରାଦ କରାଯାଇଛି। ବୈଠକରେ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ୩୫୭ କେଜି ଗଞ୍ଜେଇ ଜବତ, ୩ ଗିରଫ

ଆର.ଉଦୟଗିରି,୬।୩(ଡି.ଏନ୍.ଏ.)

ଆନ୍ତଃ ରାଜ୍ୟ ଗଞ୍ଜେଇ ଚାଲାଣ ଅଭିଯୋଗରେ ଶୁକ୍ରବାର ଆର୍. ଉଦୟଗିରି ପୋଲିସ ଜଣେ ମହିଳା, ୨ ଶିଶୁଙ୍କ ସମେତ ୫ ଜଣଙ୍କୁ ଧରିଛି। ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଆର.ଉଦୟଗିରି ଥାନାର କୁଆଁପଡା ଶଙ୍ଖରେ ଏକ କଫି ଗାଡିରୁ ୧୩୧ କେଜି ୭୦୦ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଏ ନେଇ ନଂ. ୩୫/୨୧ରେ ମାମଲା ରୁଜୁ କରି ଶନିବାର ପୋଲିସ ମହିଳାଙ୍କ ସମେତ ୨ ଜଣଙ୍କୁ କୋର୍ଟଚାଲାଣ କରିଛି। ସେହିପରି ମୋହନା ପୋଲିସ ଏକ ମହିନ୍ଦ୍ରାରୁ ୨୨୫ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ଧରାକୋଟ ନାରାୟଣପୁରର ମାଧବ ବେହେରାଙ୍କୁ କୋର୍ଟ ଚାଲାଣ କରିଛି। ଏ ନେଇ ନଂ. ୬୨/୨୧ରେ ମାମଲା ରୁଜୁ ହୋଇଛି।

## ପାତ୍ରପୁରକୁ ଏନ୍‌ଏସି ଘୋଷଣା ଦାବି

ବ୍ରହ୍ମପୁର ଅଫିସ,୬।୩

ଆନ୍ଧ୍ରପ୍ରଦେଶ ସୀମାନ୍ତରେ ଅବସ୍ଥିତ ଗଞ୍ଜାମ ଜିଲାର ପାତ୍ରପୁର ବ୍ଲକ। ଏହି ଅଞ୍ଚଳରେ ଅଛନ୍ତି ସଂଖ୍ୟାଲଘୁ ତେଲୁଗୁ ସମ୍ପ୍ରଦାୟର ବହୁ ପରିବାର। ଦକ୍ଷିଣାଞ୍ଚଳ ସଂସ୍କୃତି ପ୍ରଚଳିତ ହେଉଛି। ବ୍ଲକ ଓ ତହସିଲ ସଦର ମହକୁମା ପାତ୍ରପୁରରେ ହଜାର ହଜାର ଲୋକ ବସବାସ କରୁଛନ୍ତି। ତେବେ ପଞ୍ଚାୟତରୁ ପାତ୍ରପୁର ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ)ରେ ସରକାର ପରିଣତ କରିବାକୁ ଦାବି ହୋଇଛି। ପାତ୍ରପୁର ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତା ତଥା ବିଧାନସଭା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା କହିଛନ୍ତି, ପାତ୍ରପୁର ଏନ୍‌ଏସି ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ଜନସଂଖ୍ୟା ଦୃଷ୍ଟିରୁ ଏକ ଛୋଟ ସହର। ବ୍ଲକ ଓ ତହସିଲ ଅଫିସ ସାଙ୍ଗକୁ କୃଷି ଉନ୍ନୟନ କାର୍ଯ୍ୟାଳୟ, ଅଦାଲତ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ ଶିକ୍ଷାଧିକାରୀଙ୍କ ଦପ୍ତର, ବିଦ୍ୟୁତ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ରହିଛି। ଏହାସହ ସବରେଜିଷ୍ଟ୍ରାର ଦପ୍ତର, କ୍ଷୁଦ୍ର ଜଳସେଚନ ସେକ୍ସନ ଅଫିସ, ଷ୍ଟେଟବ୍ୟାଙ୍କ ଓ କାନରା ବ୍ୟାଙ୍କ, ସମବାୟ ବ୍ୟାଙ୍କ ଶାଖା, ଅଗ୍ନିଶମ ବିଭାଗ ଅଛି। କେବଳ ପାତ୍ରପୁର ଗ୍ରାମରେ ୬ ପ୍ରାଥମିକ ବିଦ୍ୟାଳୟ ଓ ଦୁଇ ହାଇସ୍କୁଲ ଏବଂ ସାମାନ୍ୟ ଦୂରରେ ସାମନ୍ତିଆପଲୀ କଲେଜ ପ୍ରତିଷ୍ଠା ହୋଇଛି। ଉପାନ୍ତ ଇଲାକାର ମୁଖ୍ୟ ସ୍ଥାନ ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ଏନଏସି ଘୋଷଣା କରିବାକୁ ଦ୍ୟାନ ସାମନ୍ତରା ଗୁରୁତ୍ୱ ଦେଇଛନ୍ତି।

# ସକାଳୁଆ ପାଠ ପଢ଼ା ନେଇ ଅଡୁଆରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର

ଖଜୁରିପଡ଼ା,୬।୩

କନ୍ଧମାଳ ଜିଲାରେ ସକାଳ ପାଠପଢ଼ା ନେଇ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ଅଡୁଆରେ ପଡିଛନ୍ତି। ଏ ନେଇ ଅଭିଭାବକ ମଧ୍ୟ ଚିନ୍ତାରେ ପଡିଛନ୍ତି। ଅଭିଯୋଗ ପ୍ରକାରେ ଜଣାପଡିଛି, ଜାନୁୟାରୀ ୮ରୁ ସ୍କୁଲ ଖୋଲିଲା ପରେ ୧୦ମ ଶ୍ରେଣୀ ପାଠପଢ଼ା ଆରମ୍ଭ ହୋଇଥିଲା। ସମୟ ୧୦ ରୁ ୪ଟା ପର୍ଯ୍ୟନ୍ତ ରହିଥିଲା। ପରେ ଫେବୃୟାରୀ ୮ ରୁ ନବମ ଶ୍ରେଣୀ ପାଠ ପଢ଼ା ଆରମ୍ଭ ସମୟ ୧୦ ରୁ ୧୨ଟା ପର୍ଯ୍ୟନ୍ତ। ମାର୍ଚ୍ଚ ପୂର୍ବରୁ ଖରା ଆସିବାରୁ ଗଣଶିକ୍ଷା ବିଭାଗ ସକାଳ ପାଠପଢ଼ା ପାଇଁ ଘୋଷଣା କରିଛନ୍ତି। ବେଳେ ଦଶମ ଶ୍ରେଣୀ ୮ରୁ ୧ଟା ପର୍ଯ୍ୟନ୍ତ ନବମ ଶ୍ରେଣୀ ୮ରୁ ୧୦ଟା ପର୍ଯ୍ୟନ୍ତ ୩ ତାରିଖ ପର୍ଯ୍ୟନ୍ତ ଥିଲା। ପୁଣି ୭ଟାରୁ ୧୨ଟା ଦଶମ ଶ୍ରେଣୀ ଓ ୭ରୁ ୯ ନବମ ଶ୍ରେଣୀ ପାଠପଢ଼ା ପାଇଁ ସମୟ ଘୋଷଣା କରିଛନ୍ତି ଗଣଶିକ୍ଷା ବିଭାଗ। ହେଲେ ଏନେଇ ବର୍ତ୍ତମାନ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ସ୍କୁଲକୁ ଆସିବା ବହୁ କଷ୍ଟକର ହୋଇପଡ଼ିଛି। କାରଣ ୧୦୦ରୁ ୮୦ ପ୍ରତିଶତ ଛାତ୍ରୀଛାତ୍ର ୨୫ରୁ ୩୦ କି.ମି. ଦୂରରୁ ଆସୁଛନ୍ତି। ସେମାନେ ଏବେ ବଡ଼ ଅଡୁଆରେ ପଡ଼ି ଯାଇଛନ୍ତି। ଅନେକ ପିଲା ଭୋର ୫ଟାରୁ କିମ୍ବା ତା ପୂର୍ବରୁ ଘରୁ ନ ବାହାରିଲେ ୭ଟା ବେଳକୁ ସ୍କୁଲକୁ ପହଞ୍ଚି ହେଉନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେଇ ବିଚାର କରିବାକୁ ଛାତ୍ରୀଛାତ୍ର, ଅଭିଭାବକ ଅଭିଯୋଗ କରିଛନ୍ତି। ଏନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟକୁ ପ୍ରତିକ୍ରିୟା ପାଇଁ ଯୋଗାଯୋଗ କରିବାରୁ ଏହା ସରକାରଙ୍କ ନିର୍ଦ୍ଦେଶ, ଆମେ କ'ଣ କରିବୁ, ନିଜ ଅଞ୍ଚଳ ଜିଲାପାଳଙ୍କୁ ଜଣାନ୍ତୁ ବୋଲି କହିଥିଲେ।

## ଭୁଶୁଡ଼ିବା ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

ନୂଆଗଡ଼,୬।୩

ଗଜପତି ଜିଲା ନୂଆଗଡ଼ ବ୍ଲକ ଭ୍ରମରପୁର ଗ୍ରାମରେ ଥିବା ଯାତ୍ରୀ ବିଶ୍ରାମାଗାର ଭୁଶୁଡ଼ି ପଡ଼ିବା ଅବସ୍ଥାରେ ରହିଛି। ଭ୍ରମରପୁରର ବିଶ୍ରାମାଗାର ଦୀର୍ଘ ୩୦ ବର୍ଷ ତଳେ ନିର୍ମାଣ ହୋଇଥିଲା। ଏଠାରେ ଗ୍ରାମ ବା ସହରରୁ ଆସୁଥିବା ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରିଥାନ୍ତି। ଏଥିସହ ଗ୍ରାମର ବହୁ ପିଲା ବିଶ୍ରାମାଗାର ପରିସରରେ ଚଲାବୁଲା କରିଥାନ୍ତି। ହେଲେ ବିଶ୍ରାମାଗାର ମରାମତି ଅଭାବରୁ ଶୀଘ୍ର ଭୁଶୁଡ଼ି ପଡିବା ଅନୁମାନ କରାଯାଉଛି। ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ଏହି ରାସ୍ତାରେ ଯାତାୟାତ କରୁଥିଲେ ମଧ୍ୟ ବିଶ୍ରାମାଗାର ପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏହି ବିଶ୍ରାମାଗାରର ପିଲର ବହୁ ବର୍ଷ ଧରି ଭଙ୍ଗାରୁଜା ହୋଇ ପଡିଛି। ଲୁହାସବୁ ବାହାରକୁ ଦେଖାଯାଉଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ତେବେ ଶୀଘ୍ର ବିଶ୍ରାମାଗାର ନିର୍ମାଣ ପାଇଁ ପ୍ରଶାସନଠାରେ ଦାବି ହୋଇଛି।

# ହଙ୍ଗାମା ଟୁର୍ଣ୍ଣାମେଣ୍ଟ, ଡିଂବିରିଆ ଏମ୍‌ବିସିସି ଚାମ୍ପିୟନ

କବିସୂର୍ଯ୍ୟନଗର,୬।୩


ଅତିଥିଙ୍କ ଦ୍ୱାରା ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

କବିସୂର୍ଯ୍ୟନଗର ଶିବଶକ୍ତି ଖେଳପଡ଼ିଆରେ ହଙ୍ଗାମା କ୍ରିକେଟ ଟୁର୍ଣ୍ଣାମେଣ୍ଟ-୨୦୨୧ ୱାନ୍ ଡେ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କିଶୋର ବର୍ଗର ଶିବଶକ୍ତି କ୍ରିକେଟ କ୍ଲବର ସମସ୍ତ ଯୁବକ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିରେ ୮ ଟିମ ଭାଗ ନେଇଥିଲା। ଫାଇନାଲ ମ୍ୟାଚ୍ କୋଦଳା ଛଟିନା ଇଲେଭେନ ଷ୍ଟାର ସହ ପୋଲସରା ଡିଂବିରିଆ ଏମ୍‌ବିସିସି ମଧ୍ୟରେ ହୋଇଥିଲା। ପ୍ରଥମେ ଏମ୍‌ବିସିସି ନିର୍ଦ୍ଧାରିତ ୬ ଓଭରରେ ୮୨ ରନ କରିଥିଲା। ଜବାବରେ ଛଟିନା ଇଲେଭେନ ଷ୍ଟାର ମାତ୍ର ୫୨ ରନ କରିଥିଲେ। ମୁଖ୍ୟଅତିଥି ଭାବେ ଉଦ୍ୟୋଗୀ ଇଂ. ମାହେଶ୍ୱରୀ ଦୋରା ଯୋଗଦେଇ ଫାଇନାଲ ବିଜେତା ଭାବେ ଏମ୍‌ବିସିସିକୁ କପ୍ ସହ ୧୬ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ଉଦ୍ୟୋଗପତି ଶ୍ୱେତ ଦୋରା ମୁଖ୍ୟବକ୍ତା ଭାବେ ଯୋଗଦେଇ ରନର୍ସ ଅପ୍ ଭାବେ ଇଲେଭେନ ଷ୍ଟାର ଛଟିନା ଟିମ୍‌କୁ ସିଲ ସହ ୧୧ ହଜାର ଟଙ୍କା ପୁରସ୍କୃତ କରିଛନ୍ତି। କୃଷକ ନେତା ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

**୫୦ ୟୁନିଟ୍ ରକ୍ତ ସଂଗ୍ରହ**

ରାଇକିଆ, (ଡି.ଏନ୍.ଏ.): ରାଇକିଆ ବ୍ଲକ ବିଜେଡି ପକ୍ଷରୁ ଶୁକ୍ରବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଆଥ୍‌ଲେଟିକ୍ ଆସୋସିଏଶନ ସହଯୋଗରେ ଆୟୋଜିତ ଶିବିରରେ ୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ଜିଲା ସଂଖ୍ୟାଲଘୁ ସେଲ ସଭାପତି ଜୟାନନ୍ଦ ନାୟକ, ବ୍ଲକ ବିଜେଡି ସଭାପତି ରାଜମୋହନ ଦିଗାଲ, ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ବିଭିନ୍ନ ପଞ୍ଚାୟତରୁ ଆସିଥିବା ଲୋକ ପ୍ରତିନିଧି ଯୋଗ ଦେଇଥିଲେ।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ବିଶ୍ୱ ଗ୍ଲୁକୋମା ଦିବସ ଉପଲକ୍ଷେ ୱାକାଥନ୍ । ସ୍ଥାନ: ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ। ସମୟ: ସକାଳ ୬ଟା ୪୫

**ଭଞ୍ଜନଗର**

- ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଶିଳାନ୍ୟାସ । ସ୍ଥାନ: ବାଉଁଶଲୁଣ୍ଡି। ସମୟ: ଅପରାହ୍ନ ୪ଟା
- କବିତା ଆସର। ସ୍ଥାନ: ଆରଏମ୍‌ସି ସମ୍ମିଳନୀ କକ୍ଷ। ସମୟ: ପୂର୍ବାହ୍ନ ସାଢ଼େ ୧୦ଟା

## ସଂକ୍ଷେପରେ

### ବୃତ୍ତି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସଫଳତା

ଆସିକା,୬।୩(ଡି.ଏନ୍.ଏ.): ଚଳିତବର୍ଷର ପ୍ରକାଶିତ ବୃତ୍ତି ପରୀକ୍ଷାର କୃତୀ ଛାତ୍ରୀଛାତ୍ର ତାଲିକାରେ ଆସିକାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ର ଅଗ୍ରଣୀ ରହିଛନ୍ତି। ତୃତୀୟ ଶ୍ରେଣୀ ସରକାରୀ ମେଧାବୃତ୍ତି ପରୀକ୍ଷାରେ ଆସିକା ବ୍ଲକସ୍ତରରେ ଶିଶୁ ମନ୍ଦିରର ଛାତ୍ର ରାମ ପ୍ରସାଦ ତ୍ରିପାଠୀ ପ୍ରଥମ ଓ ଶ୍ୟାମ ପ୍ରସାଦ ତ୍ରିପାଠୀ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଜନ୍ମେଜୟ ମିଶ୍ର ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି। ଜାତୀୟ ଗ୍ରାମୀଣ ମେଧା ଅନ୍ୱେଷଣ ପରୀକ୍ଷାରେ ଆସିକା ଏନ୍‌ଏସି ସ୍ତରରେ କାହ୍ନୁଚରଣ ପ୍ରଧାନ ପ୍ରଥମ, ସୁଦୀପ୍ତି କୁମାରୀ ନାୟକ ଦ୍ୱିତୀୟ, ସାର୍ଥକ କୁମାର ବେହେରା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏହି ସଫଳତା ଲାଗି ଶିଶୁ ମନ୍ଦିର ପରିଚାଳନା ପରିଷଦ ସଭାପତି ଡା. ପ୍ରମୋଦ କୁମାର ପଣ୍ଡା, ସମ୍ପାଦକ ଇଞ୍ଜିନିୟର ବସନ୍ତ କୁମାର ଷଡ଼ଙ୍ଗୀ ଓ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମୁନୀ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ପୋଷାକ ବିତରଣ

ଦିଗପହଣ୍ଡି,୬।୩(ଡି.ଏନ୍.ଏ.): ଦିଗପହଣ୍ଡି ଏନ୍‌ଏସି ୩ନଂ. ୱାର୍ଡ ଅନ୍ତର୍ଗତ ନୂଆସାହି ପ୍ରାଥମିକ ବିଦ୍ୟାଳୟରେ ଶନିବାର ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନ ସଂଯୋଜକ ସିଆର୍‌ସିସି ଉପେନ୍ଦ୍ର କୁମାର ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ୱବା ପାଇକ, ଆଇନଜୀବୀ ହରପ୍ରସାଦ ରଥ, ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଗଞ୍ଜାମ ଜିଲା ସଭାପତି ରାଜେନ୍ଦ୍ର କୁମାର ଗୌଡ ଏବଂ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷା ଓଲା ସାବିତ୍ରୀ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଣୀ ନାୟକ ପରିଚାଳନା କରିଥିଲେ।

### ୬୬ ୟୁନିଟ ରକ୍ତ ସଂଗ୍ରହ

ଗୋଷାଣୀ,୬।୩: ଗୋଷାଣୀ ବ୍ଲକ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବିଜୁବାବୁଙ୍କ ଜନ୍ମ ଦିବସରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ କୁମାର ଜେନା, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୂର୍ବତନ ଜିଲା ପରିଷଦ ସଭାପତି ୱାଇ. ରାମଚନ୍ଦ୍ର ରାଓ, ବ୍ଲକ ବିଜେଡି ସଭାପତି ଈଶ୍ୱର ରାଓ, ବ୍ଲକ ଯୁବ ବିଜେଡି ସଭାପତି ପି.ନାଗେଶ୍ୱର ରାଓ, ଏମ୍‌ପି ପ୍ରତିନିଧି ବି. ଧନଞ୍ଜୟଲୁ ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ପି ପାରଳାଖେମୁଣ୍ଡିଠାରୁ ବାଇକ୍ ରାଲିରେ ଗୁରାଣ୍ଡି ମେଡିକାଲରେ ପହଞ୍ଚିଥିଲେ। ଏହି ଅବସରରେ ୬୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ପାରଳାଖେମୁଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ବୈଠକ ଗୃହରେ ପଞ୍ଚାୟତିରାଜ ଦିବସ ତଥା ଲୋକ ସେବା ଦିବସ ପାଳିତ ହୋଇଥିଲା।

### ପ୍ରଧାନମନ୍ତ୍ରୀଙ୍କ ଏଲ୍‌ଇଡି ଭିଜନ୍ କାର୍ଯ୍ୟକ୍ରମ

ବୁଗୁଡ଼ା,୬।୩(ଡି.ଏନ.ଏ.): ଏନର୍ଜି ରିସର୍ଚ୍ଚ ଆସୋସିଏଟ୍ସ ସପ୍ତାହ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଶ୍ୱିକ ଶକ୍ତି ଏବଂ ପରିବେଶ ନେତୃତ୍ୱ ପୁରସ୍କାର ଗ୍ରହଣ କରିବା ପରେ ଭିଡିଓ କନଫରେନ୍ସ ମାଧମରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ବୁଗୁଡ଼ା ଓମ କିସାନ ସେବା କେନ୍ଦ୍ରଠାରେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳା ନନ୍ଦ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ରଞ୍ଜନ ପଲେଇ, ପ୍ରଭାକର ପଣ୍ଡା, ବିନାୟକ ତ୍ରିପାଠୀ, ପ୍ରମୋଦ ପଣ୍ଡା, ସୂର୍ଯ୍ୟ ଦାଶ, ଅନିଲ ପଣ୍ଡାଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଅଏଲ୍ ଇଣ୍ଡିଆ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ଦେବାଶିଷ ନାୟକ ଓ ସୁବ୍ରତ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ।

# ତାରାତାରିଣୀ-ଛତ୍ରପୁର ରାସ୍ତା ଅବରୋଧ

- ଧାନ କିଣାଯାଉ ନ ଥିବାରୁ ପ୍ରତିବାଦ
- ବ୍ରହ୍ମପୁର ଜଳଯୋଗାଣ ପ୍ରକଳ୍ପ ବନ୍ଦ କଲେ ଚାଷୀ

ଛତ୍ରପୁର,୬।୩(ଡି.ଏନ.ଏ.)

ଧାନ କିଣାଯାଉ ନ ଥିବାରୁ ପ୍ରତିବାଦ କରି ଶନିବାର ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁରଠାରେ ଚାଷୀମାନେ ଧାନ ବସ୍ତା ରଖି ଛତ୍ରପୁର-ତାରାତାରିଣୀ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ । ଏଥିସହ ବ୍ରହ୍ମପୁର, ଛତ୍ରପୁର, ଗୋଳାବନ୍ଧ ପାଇଁ ସେଠାରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପକୁ ବନ୍ଦ କରାଯାଇଥିଲା । ଫଳରେ ଉକ୍ତ ସହରକୁ ଶନିବାର ପାଣି ଯୋଗାଣ ବନ୍ଦ ହୋଇଯାଇଥିଲା। ଏହି ରାସ୍ତା ଅବରୋଧ ସକାଳ ୬ ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଦୀର୍ଘ ୧୦ ଘଣ୍ଟା ଧରି ଚାଲିଥିଲା । ଫଳରେ ଉକ୍ତ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା । ପୂର୍ବରୁ ବହୁବାର ଧାନ କିଣା ସମସ୍ୟା ସମ୍ପର୍କରେ ଲିଖିତ ଭାବେ ଜିଲାପାଳ, ଯୋଗାଣ ଅଧିକାରୀଙ୍କୁ ଚାଷୀମାନେ ଦାବିପତ୍ର ଦେଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ୪ ତାରିଖରେ ପୋଟଲାମପୁରର ଚାଷୀମାନେ ତୁରନ୍ତ ଧାନ କିଣା ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । ଏହାପରେ ମଧ୍ୟ ପ୍ରଶାସନ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଇ ନ ଥିବାରୁ ଚାଷୀମାନେ ଶନିବାର ଏଭଳି ଆନ୍ଦୋଳନକୁ ଓହ୍ଲାଇଥିଲେ। ପୋଟଲାମପୁର ସମବାୟ ସମିତିରେ ମୋଟ ୫୬୯ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୨୮୭ ଚାଷୀଙ୍କଠାରୁ ୧୦ ହଜାର ୩୧୪ କୁଇଣ୍ଟାଲ ଧାନ କିଣାଯାଇଛି। ୬୨ଟୋକନ୍ ରଦ୍ଦ ହୋଇଯାଇଛି। ଅବଶିଷ୍ଟ ବଳକା ଚାଷୀ ଓ ଟୋକନ୍ ରଦ୍ଦ ହୋଇଥିବା ଚାଷୀଙ୍କଠାରୁ ୭,୩୦୦ କୁଇଣ୍ଟାଲ ଧାନ କିଣିବାକୁ ଦାବି କରାଯାଇଥିଲା। ପରେ ସହାକାରୀ ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଅତିରିକ୍ତ ତହସିଲଦାର ଜସ୍ମିନ୍ ପ୍ରଧାନ, ଛତ୍ରପୁର ଯୋଗାଣ ନିରୀକ୍ଷକ ଜୟରାମ ଲେଙ୍କା, ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ପ୍ରମୁଖ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କ ସହ ଆଲୋଚନା କରିଥିଲେ । ୨ ହଜାର କୁଇଣ୍ଟାଲ ଧାନ କିଣିବା ଟାର୍ଗେଟ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା । ଅବଶିଷ୍ଟ ଥିବା ଟାର୍ଗେଟକୁ ୭ ଦିନ ମଧ୍ୟରେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା । ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଆନ୍ଦୋଳନରେ ଚାଷୀ ନିରଞ୍ଜନ ପ୍ରଧାନ, ରାଜେନ୍ଦ୍ର ନାହାକ, ଫକୀର ନାହାକ, ବିଜୟ ଚନ୍ଦ୍ର ନାୟକ, ଗୋପୀନାଥ ନାୟକ, ମହେଶ୍ୱର ପ୍ରଧାନ, ବାବୁ ସ୍ୱାଇଁ , ସୁକାନ୍ତ ନାହାକ, ସତ୍ୟନାରାୟଣ ନାହାକ, ଖଗି ପ୍ରଧାନ, ବାବୁଲା ନାହାକ, ଭାଜପା ନେତା ପ୍ରଶାନ୍ତ କର, ଋଷିକୁଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ ପ୍ରମୁଖ ଚାଷୀ ସାମିଲ ଥିଲେ ।



ରାସ୍ତା ଅବରୋଧ କରାଯାଇଛି ।

## ଛତ୍ରପୁର ଓକିଲ ସଂଘ ନିର୍ବାଚନ

# ପ୍ରଥମ ଦିନରେ ୯ ପ୍ରାର୍ଥୀପତ୍ର ଦାଖଲ

ଛତ୍ରପୁର, ୬।୩(ଡି.ଏନ୍.ଏ.)

ଛତ୍ରପୁର ଓକିଲ ସଂଘ ନିର୍ବାଚନ ପାଇଁ ଶନିବାରଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି । ଏନେଇ ଛତ୍ରପୁର ଓକିଲ ସଂଘର ବିଭିନ୍ନ ପଦବୀ ପାଇଁ ପ୍ରଥମ ଦିନରେ ୯ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନିର୍ବାଚନ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ୬ ରୁ ୮ ତାରିଖ ତିନିଦିନ ଧରି ନାମାଙ୍କନ ପତ୍ର ଦାଖଲ ଚାଲୁ ରହିବ। ସଂଘ ସଭାପତି ପଦବୀ ପାଇଁ ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ପାଇଁ ବି. ପଦ୍ମନାଭ ପ୍ରଧାନ, ଉପସଭାପତି ପାଇଁ ବାବୁ ନାହାକ, ସହସମ୍ପାଦକ ଏସ. ବିଜୟ କୁମାର ଆଚାରୀ ଓ ଅପସରା ଜାନ, ଯୁଗ୍ମ ସମ୍ପାଦକ ପାଇଁ ସଞ୍ଜୟ କୁମାର ବେହେରା, ଲାଇବ୍ରେରୀ ଏଣ୍ଡ ସେମିନାର ସମ୍ପାଦକ ପାଇଁ ସୁରେଶ କୁମାର ପଟ୍ଟନାୟକ ଓ ଏକ୍‌ଜିକ୍ୟୁଟିଭ୍ ବଡି ସଦସ୍ୟ ପାଇଁ ଭୈରବ ପଟ୍ଟନାୟକ ଓ ସୁରେଶ ପଣ୍ଡା ନାମାଙ୍କନପତ୍ର ଦାଖଲ କରିଛନ୍ତି। ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଅଧିକାରୀ ଭାବେ ସିଏଚ୍ ସୂର୍ଯ୍ୟ ନାରାୟଣ ରେଡ୍ଡୀ ଏବଂ ସହକାରୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ନିଯୁକ୍ତ ହୋଇଛନ୍ତି। ସଂଘର ମୋଟ ୧୬୬ ସକ୍ରିୟ ସଦସ୍ୟ ଅଛନ୍ତି। ଆସନ୍ତା ୧୧ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ, ୧୩ ରେ ପ୍ରତ୍ୟାହାର ଓ ୧୫ ରେ ଚୂଡାନ୍ତ ତାଲିକା ପ୍ରକାଶିତ ହେବ ବୋଲି ନିର୍ବାଚନ ଅଧିକାରୀ ରେଡ୍ଡୀ ସୂଚନା ଦେଇଛନ୍ତି। ୨୭ ତାରିଖ ସକାଳ ୮ରୁ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ପରେ ୪ଟାରେ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।



ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

# ପିଡିଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା



ସମୀକ୍ଷା ବୈଠକରେ ଉପସ୍ଥିତ ପିଡି ଓ ଅନ୍ୟମାନେ।

ଶେରଗଡ଼, ୬।୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଶୁକ୍ରବାର ଶେରଗଡ଼ ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକରୁ ଅଧିକ କାର୍ଯ୍ୟ ଦିବସ ସୃଷ୍ଟି କରିବାକୁ ସେ ଗୁରୁତ୍ୱ ଦେବାକୁ କହିଛନ୍ତି। ବ୍ଲକର ଯନ୍ତ୍ରୀ, ଗ୍ରାମରୋଜଗାର ସେବକ, ଗ୍ରାମସଂଯୋଜକ ଓ ସରପଞ୍ଚମାନେ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉନ୍ନୟନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା, ଅଧାପନ୍ତରିଆ କାର୍ଯ୍ୟ ସାରିବା ଦିଗରେ ଗୁରୁତ୍ୱ ଦେବାକୁ ବିଡିଓ ସୁରଞ୍ଜନ କୁମାର ସାହୁ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡ଼ଙ୍ଗୀଙ୍କୁ ପିଡି କହିଥିଲେ। ପ୍ରତି ପଞ୍ଚାୟତରେ ଯେପରି ଗୋରୁ ଗୁହାଳ,ଛେଳି ଗୁହାଳ ନିର୍ମାଣ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବ ସେ ଦିଗରେ ବ୍ୟାପକ ସଚେତନତା ଜାରି ରଖିବାକୁ କୁହାଯାଇଛି।

# ଖେମୁଣ୍ଡି ଓକିଲ ସଂଘ ନିର୍ବାଚନ ସଭାପତି ପଦବୀ ପାଇଁ ନାମାଙ୍କନ ଦାଖଲ

ଦିଗପହଣ୍ଡି,୬।୩(ଡି.ଏନ୍.ଏ.)

ରାଜ୍ୟ ଆଇନଜୀବୀ ପରିଷଦ ସୁପାରିସକ୍ରମେ ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଶନିବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଓକିଲ ସଂଘ ସଭାପତି ପଦବୀ ପାଇଁ ଅଶେଷ ନାଥ ମିଶ୍ର ଏବଂ ପରେଶ ଚନ୍ଦ୍ର ରଥ ନାମାଙ୍କନ ଦାଖଲ କରିଥିବା ବେଳେ ଉପସଭାପତି ପଦବୀ ପାଇଁ ଗଜାନନ ତ୍ରିପାଠୀ, ରାମକୃଷ୍ଣ ପାଢ଼ୀ, ସମ୍ପାଦକ ପଦବୀ ପାଇଁ ଗିରିଜା ନନ୍ଦନ ମେକାପ, ମନୋରଞ୍ଜନ ପଣ୍ଡା, ବିଜୟ କୁମାର ପ୍ରଧାନ, ସହ ସମ୍ପାଦକ ପଦବୀ ନିମନ୍ତେ ପ୍ରହଲ୍ଲାଦ ପ୍ରଧାନ ଏବଂ ରବି ଚନ୍ଦ୍ର ଗୌଡ ପ୍ରମୁଖ ଓକିଲ ସଂଘ ନିର୍ବାଚନ ଅଧିକାରୀ ଲକ୍ଷ୍ମୀନାରାୟଣ ପାଢ଼ୀଙ୍କ ନିକଟରେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିରେ ବରିଷ୍ଠ ଆଇନଜୀବୀ ପ୍ରଭାକର ରାଉତ, ଚନ୍ଦ୍ରଧ୍ୱଜ ସିଂହ, ସୁକାନ୍ତ କୁମାର ପ୍ରଧାନ, ସତ୍ୟନାରାୟଣ ରଥ, ବିପିନ ବିହାରୀ ପଟ୍ଟନାୟକ, ଟୁକୁନା ପ୍ରଧାନ, ସଞ୍ଜୟ କୁମାର ପଣ୍ଡା, ରଞ୍ଜନ କୁମାର ବେହେରା, ପ୍ରଦୀପ କୁମାର ନାୟକ, କିଶୋର ଚନ୍ଦ୍ର ଗୌଡ଼, ପ୍ରିୟରଞ୍ଜନ ପଟ୍ଟନାୟକ, ଲକ୍ଷ୍ମଣ ବେହେରା ପ୍ରମୁଖ ବହୁ ସଂଖ୍ୟକ ଆଇନଜୀବୀ ଉପସ୍ଥିତ ଥିଲେ।

# ୪ ଜଣଙ୍କ ନାମାଙ୍କନ

## ଗଞ୍ଜାମ ଓକିଲ ସଂଘ ନିର୍ବାଚନ

ବ୍ରହ୍ମପୁର ଅଫିସ,୬।୩

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶନିବାର ଥିଲା ପ୍ରଥମ ଦିନ। ବିଭିନ୍ନ ପଦବୀ ପାଇଁ ୪ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସଭାପତି ପଦ ପାଇଁ ଶିଶିର କୁମାର ପାଢ଼ୀ, ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପସଭାପତି ଦିଲୀପ କୁମାର ପାତ୍ର ଓ ଯୁଗ୍ମ ସମ୍ପାଦକ ପଦ ପାଇଁ ସୁଧୀର କୁମାର ପାତ୍ର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ୯ରେ ପ୍ରାର୍ଥୀ ତାଲିକା ପ୍ରକାଶ ଓ ୧୦ରେ ଯାଞ୍ଚ ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି। ୧୧ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରାଯିବ। ସେହିପରି ୧୩ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୫ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୭ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ। ଅପରାହ୍ନ ୪ଟାରୁ ସନ୍ଧ୍ୟା ମଧ୍ୟରେ ଫଳାଫଳ ଘୋଷଣା କରାଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଚଳିତବର୍ଷ ରାଜ୍ୟ ବାର କାଉନ୍‌ସିଲର ଅନୁମୋଦନ କ୍ରମେ ଗଞ୍ଜାମ ଓକିଲ ସଂଘର ୧,୩୨୭ ଆଇନଜୀବୀ ମତଦାନ କରିବା ପାଇଁ ତାଲିକା ପ୍ରସ୍ତୁତ କରାଯାଇଛି। ନିର୍ବାଚନ ପରିଚାଳନା ପାଇଁ ୪୦ ଜଣିଆ କମିଟି ଗଠନ କରାଯାଇଛି। ନିର୍ବାଚନ କମିଟିର ଅନ୍ୟତମ ସଦସ୍ୟ ଅକ୍ଷୟ ପଟ୍ଟନାୟକ, ସୁରେନ୍ଦ୍ର ସାହୁ, ପ୍ରସାଦ ଦୋରା, ନୟନ ଚନ୍ଦ୍ର ମହାପାତ୍ର, ମୋହନ ସିଙ୍ଗାରି, ପ୍ରଦୀପ ପଣ୍ଡା ଓ ସନ୍ତୋଷ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସୁପାରିକିଲର ରାଣୀ କୋର୍ଟଚାଲାଣ

## ବୋମାମାଡ଼ ଘଟଣା

ବ୍ରହ୍ମପୁର ଅଫିସ,୬।୩

ବ୍ରହ୍ମପୁର ବଡ଼ବଜାର ଥାନା ଲକ୍ଷ୍ମୀନୃସିଂହ ସାହିରେ ଗତ ୨୭ ତାରିଖ ରାତିରେ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଶନିବାର ସୁପାରିକିଲର ତଥା ମୁମ୍ବାଇରେ ରହୁଥିବା ରାଣୀ ପଣ୍ଡା ଓରଫ ରାଜେଶ ପାଣିଗ୍ରାହୀଙ୍କୁ ମାମଲା ନଂ.୫୧/୨୧ରେ କୋର୍ଟଚାଲାଣ କରିଛି। ବ୍ରହ୍ମପୁର ମଣ୍ଡଳ କାରାଗାରରେ ଏହି ବୋମାମାଡ଼ ଘଟଣାର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲା। ଜେଲରେ ଥିବା ମାଷ୍ଟରମାଇଣ୍ଡ ପ୍ରଦୀପ ସାହୁ ତାଙ୍କ ପ୍ରେମିକାଙ୍କୁ ଅସ୍ତ୍ର କରି ବୋମାମାଡ଼ କରିଥିବା ନେଇ ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଏହି ଘଟଣାରେ ପୋଲିସ ଶୁକ୍ରବାର ଜଣେ ଯୁବତୀଙ୍କ ସମେତ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଲକ୍ଷ୍ମୀନୃସିଂହ ସାହିର ମନୋଜ କୁମାର ସାହୁ, ଅଜୟ ମହାରଣା ଓ ଅନ୍ୟ ଜଣେ ଯୁବତୀ ବୋଲି ଏଏସ୍‌ପି ପ୍ରଭାତ ରାଉତରାୟ ସୂଚନା ଦେଇଥିଲେ। ପୋଲିସ ସୂଚନା ଅନୁସାରେ, ଗତବର୍ଷ ଅକ୍ଟୋବର ୧୭ରେ ଲକ୍ଷ୍ମୀନୃସିଂହ ସାହିରେ କେତେକ ଦୁର୍ବୃତ୍ତ ଦାଦାବଟି ଦାବି କରି ବ୍ୟବସାୟୀ ଜି.କାଳିଆ ପାତ୍ରଙ୍କୁ ଖଣ୍ଡାରେ ହାଣିଥିଲେ। କାଳିଆଙ୍କୁ ବଞ୍ଚାଇବାକୁ ଯାଇ ଭଉଣୀ ଏସ୍. ସୁନିତା ପାତ୍ରଙ୍କ ଉପରେ ଖଣ୍ଡା ଚୋଟ ବାଜିଥିଲା। ଏହି ମାମଲାରେ ଅଭିଯୁକ୍ତ ପୋଲିସ ପ୍ରଦୀପ ସାହୁ ଓ ଅନ୍ୟମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲା ରଫାଦଫା କରିବା ପାଇଁ ପ୍ରଦୀପ ଜେଲରେ ରହି ତାଙ୍କ ସହଯୋଗୀଙ୍କ ଜରିଆରେ କାଳିଆଙ୍କ ଉପରେ ଚାପ ପକାଉଥିଲା। ମାମଲା ପ୍ରତ୍ୟାହାର ନ କରିବାରୁ ପ୍ରଦୀପ ପ୍ରତିଶୋଧ ପରାୟଣ ହୋଇ ଉଠିଥିଲା। ଏଥିପାଇଁ ସେ ଜେଲରେ ରହି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଥିଲା। ସେ ତାଙ୍କ ପ୍ରେମିକାଙ୍କୁ ଏଥିରେ ନିୟୋଜିତ କରିଥିଲେ।

# ଜିଲାସ୍ତରୀୟ ବିଜ୍ଞାନ କର୍ମଶାଳା

ପାରଳାଖେମୁଣ୍ଡି,୬।୩(ଡି.ଏନ୍.ଏ.)

ପାରଳାଖେମୁଣ୍ଡି ନିକଟ ଆର ସୀତାପୁରୁ ଗ୍ରାମର ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଅଡିଟୋରିୟମଠାରେ ଜିଲାସ୍ତରୀୟ ବିଜ୍ଞାନକର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଏବଂ ସ୍ୱତନ୍ତ୍ର ଅତିଥି ଭାବେ ଡ. ସଞ୍ଜୟ କାପୁର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସ୍ୱଳ୍ପ ମୂଲ୍ୟ ବିଶିଷ୍ଟ ଶିକ୍ଷାଦାନ ଉପକରଣ ବ୍ୟବହାର କରି ଜିଲାର ୧୦୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଡ. କାପୁର, ପ୍ରଫେସର ନିରଞ୍ଜନ ସୂତାର, ସାମାଜିକ ସଂସ୍କୃତ ବିକାଶ ବିଭାଗ ବୈଜ୍ଞାନିକ ଉପଦେଷ୍ଟା ବନମାଳୀ ସାହୁ ଏବଂ ପ୍ରଫେସର ମନୋଜ କୁମାର ଘୋଷଲା କୃଷି ଯାନ୍ତ୍ରିକ ବିଦ୍ୟାଳୟ, ଭୁବନେଶ୍ୱର ପ୍ରଶିକ୍ଷକ ଭାବେ ଜିଲାର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ପ୍ରଦାନ କରିଥିଲେ। ପିଲାମାନଙ୍କ ବୈଜ୍ଞାନିକ ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗଜପତି ଜିଲାରେ ପ୍ରଥମ ଥର ପାଇଁ ସେଞ୍ଚୁରିଆନ ସ୍କୁଲ ପକ୍ଷରୁ ତିନିଦିନ ଧରି ଆୟୋଜିତ ହୋଇଥିବା ଉକ୍ତ କାର୍ଯ୍ୟକ୍ରମକୁ ସ୍କୁଲର ଅଧକ୍ଷା ସୁନିତା ପାଣିଗ୍ରାହୀ ପରିଚାଳନା କରିଥିଲେ। ସୁନିଲ କୁମାରପଣ୍ଡା ଓ ସମ୍ପିତ ପାତ୍ର ସହଯୋଗ କରିଥିଲେ।

# କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ



ଉଦ୍‌ଯାପନୀ ମେଳାରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର ଅଫିସ୍,୬।୩

ସିଟି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଥିବା କଳିଙ୍ଗ ହର୍ବାଲ ମେଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ୍ ନାୟକ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ଦିବସରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ, ପ୍ରାକ୍ତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜଡ଼ିବୁଟି ଚିକିତ୍ସା କ୍ଷେତ୍ରରେ ଗଞ୍ଜାମର ବହୁ ଯଶସ୍ୱୀ କବିରାଜ ସୁନାମ ଅର୍ଜନ କରିଛନ୍ତି। ସେମାନଙ୍କ କବିରାଜ ଚିକିତ୍ସା ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ୩ ବୈଦ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସିଏଫ୍(ଆସିଷ୍ଟାଣ୍ଟ କଞ୍ଜରଭେଟର ଫରେଷ୍ଟ) ଅଶୋକ କୁମାର ବେହେରା, ଦିଲୀପ ମାର୍ଥା ଓ ଶଙ୍କର ନାରାୟଣ ବେଜ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଗତି ସ୍ପୋର୍ଟିଂ ବିଜୟୀ, ମୁକ୍ତେଶ୍ୱର ଟିମ୍ ରନର୍ସ ଅପ୍

## ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ, ୬।୩

ଖଲ୍ଲିକୋଟ କଲେଜ ଖେଳ ପଡ଼ିଆରେ ଲିଡ୍ସ ସ୍ପୋର୍ଟିଂ କ୍ଲବ ତରଫରୁ ସପ୍ତାହେ ବ୍ୟାପୀ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, ଆସିକା ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ, ଛତ୍ରପୁର ବିଧାୟକ ସୁବାସ ବେହେରା, କବିସୂର୍ଯ୍ୟ ନଗର ବିଧାୟିକା ଲତିକା ପ୍ରଧାନ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଭିଜିଲାନ୍ସ ଏସ୍‌ପି ଶାନ୍ତନୁ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ୍ ମ୍ୟାଚ ଭୁବନେଶ୍ୱର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁକ୍ତେଶ୍ୱର ଟିମ୍ ପ୍ରଥମେ ଟସ୍ ଜିତି ୨୦ ଓଭରରେ ୧୧୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ପ୍ରଗତି ସ୍ପୋର୍ଟିଂ ୪ ଉଇକେଟ ବିନିମୟରେ ୧୧୮ ରନ୍ କରି ବିଜୟ ଲାଭ କରିଥିବା ବେଳେ ମୁକ୍ତେଶ୍ୱର ଟିମ୍ ରନର୍ସ ଅପ୍ ଘୋଷିତ ହୋଇଥିଲା। ପ୍ରଗତି ସ୍ପୋର୍ଟିଂ କ୍ଲବ କ୍ୟାପଟେନ୍ ଟୁକୁନା ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।




ବିଜୟୀ ଟିମ୍‌ଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO. ITCP-I
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
R. P. No. 23/2020/CTC
(Arising out of OA No. 115 of 2014)
Next Date: 19.04.2021

United Bank of India, Chandrasekherpur Branch ...Certificate Holder Bank
Vs.
M/s. Seashore Agricultural Promotion Co. Pvt. Ltd. & Ors. ...Certificate Debtors

To
1. M/s. Seashore Agricultural Promotion Co. Pvt. Ltd., Plot No.: 298/A. Saheed Nagar, Bhubaneswar.
2. Sri Prashanta Kumar Dash, S/O.: Sri Umesh Chandra Dash, Flat No.-205, N.A. Majestic, Jharpada, Bhubaneswar-751006
3. M/s. Seashore Securities Ltd., Plot NO.: B-58, Chandaka, Industrial Estate, Patia, P.O.-Kiit, Bhubaneswar, Represented through its Managing Director Sri Prashanta Kumar Dash, S/O.: Sri Umesh Chandra Dash, Khurda-751024

Take notice that Certificate arising out of **OA No. 115 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 11,33,68,876.00 (Rupees Eleven Crore Thirty Three Lac Sixty Eight Thousand Eight Hundred Seventy Six Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | :Rs. | 11,33,68,876.00 |
| 2. Cost allowed | (+) | :Rs. | 1,50,000.00 |
| 3. Interest @ 14.20% p.a. with yearly rests from 22.01.2014 to 12.04.2019 | | :Rs. | 8,41,08,564.10 |
| | Total | :Rs. | 19,76,27,440.10 |

(Rupees Nineteen Crore Seventy Six Lac Twenty Seven Thousand four Hundred Forty and Paise Ten only) with of interest **@ 14.20% p.a.** with yearly rests on the amount due from **13.04.2019** till realization of the entire Dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.

Given under my hand & seal at Cuttack on this **24th day of February, 2021.**
Sd/- (R.P. Patnaik)
Recovery Officer

